ODM EDUCATIONAL GROUP
Changing your Tomorrow

# ବାଲୁତ ବୀର ସେ

## କବି:ଅନନ୍ତ ପଟ୍ଟନାୟକ
## ଶ୍ରେଣୀ:ସପ୍ତମ
## ଦ୍ୱିତୀୟ ଦିନ

**SUB-CONCEPTS:ବାଜି ରାଉତର ଅନନ୍ୟ ଦେଶପ୍ରୀତିର ଗାଥା ।**

ODM EDUCATIONAL GROUP

## ପୂର୍ବ ପାଠ୍ୟର ଆଲୋଚନା-

୧.ପ୍ରଗତିଶୀଳ ଓଡ଼ିଆ ସାହିତ୍ୟର ଜଣେ ବିଶିଷ୍ଟ କବି କିଏ ?
୨.କବିଙ୍କର କେତୋଟି କବିତା ପୁସ୍ତକର ନାମ କୁହ ?
୩.ବାଲୁତ ବୀର ଆମେ କାହାକୁ କହୁ ?

ODM EDUCATIONAL GROUP



## ଆଜି ଶ୍ରାଦ୍ଧ

ବାଜି ରାଉତ ଆମ ଦେଶର ସର୍ବକନିଷ୍ଠ ସହିଦ। ମାତୃଭୂମିର ସୁରକ୍ଷା ପାଇଁ କିଶୋର ବୟସରେ ସେ ପ୍ରାଣବଳି ଦେଇଥିଲେ। ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ୍ ଅନ୍ତର୍ଗତ ନୀଳକଣ୍ଠପୁର ଗ୍ରାମରେ ବାଜି ରାଉତ ଜନ୍ମ ହୋଇଥିଲେ। ଶୈଶବରେ ପିତାଙ୍କୁ ହରାଇଥିଲେ। ପେଟ ପୋଷିବା ପାଇଁ ବାଜି ରାଉତ କୌଳିକ ବୃତ୍ତି ନୌକା ବାହିବା ଓ ମାଛ ଧରିବାକୁ ଆଦରିନେଇଥିଲେ। ସେତେବେଳେ ଢେଙ୍କାନାଳରେ ଗଡ଼ଜାତ ଶାସନ ବ୍ୟବସ୍ଥା ଥିଲା। ଉଭୟ ଇଂରେଜ୍ ସରକାର ଓ ଗଡ଼ଜାତ ରାଜାଙ୍କ ଅତ୍ୟାଚାରରେ ପ୍ରଜାମାନେ ଅତିଷ୍ଠ ହୋଇପଡ଼ିଥିଲେ। ପରିଣାମସ୍ୱରୂପ ବ୍ରିଟିସ୍ ସରକାର ବିରୋଧୀ ପ୍ରଜାମଣ୍ଡଳ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ଭୁବନ, ପରଜଙ୍ଗ, ହିନ୍ଦୋଳ ଆଦି ଅଞ୍ଚଳରେ ପ୍ରଜାମଣ୍ଡଳ ଆନ୍ଦୋଳନ ଅଧିକ ସକ୍ରିୟ ଥିଲା। ଆନ୍ଦୋଳନକୁ ଭଣ୍ଡୁର କରିବା ଉଦ୍ଦେଶ୍ୟରେ ବ୍ରିଟିସ୍ ଫଉଜ ବ୍ରାହ୍ମଣୀ ନଦୀ ପାରହୋଇ ଆଠ ଜଣ



କର୍ମୀଙ୍କୁ ଗିରଫ କରିନେଲା। ପାହାନ୍ତା ବେଳକୁ ଫଉଜ ନଦୀ ପାରିହେବାକୁ ପହଞ୍ଚିଲେ ନୀଳକଣ୍ଠପୁର ଘାଟରେ। ସାଧାରଣ ଲୋକଙ୍କ ସହ ବାଜି ରାଉତ ମଧ୍ୟ ଉପସ୍ଥିତ ଥିଲେ। ତଙ୍ଗାରେ ନଦୀ ପାର କରିଦେବା ଲାଗି ଫଉଜିମାନେ କର୍କଶ ସ୍ୱରରେ ଆଦେଶ ଦେଲେ। କିନ୍ତୁ ଫଉଜିଙ୍କ ନାଲି ଆଖି ଓ ଧମକକୁ ବାର ବର୍ଷର ବାଳକ ବାଜି ରାଉତ ଭୟ ନ କରି ଜବାବ ଦେଲେ-'ପ୍ରଜାମଣ୍ଡଳର ହୁକୁମ ନାହିଁ, ମୁଁ ନଦୀ ପାର କରିପାରିବିନାହିଁ।' ବାଜି ରାଉତଙ୍କ ହାତରୁ ଜଣେ ସିପାହି କାତ ଛଡ଼ାଇ ନେଇ କୂଳକୁ ଠେଲିଦେଲା। ଫଉଜ ତଙ୍ଗା ବାହି ପଳାଇବାକୁ ଉଦ୍ୟତ ହେଉଥିବା ବେଳେ ଦଉଡ଼ିକୁ ଅନ୍ୟମାନେ ଭିଡ଼ିଧରିବାରୁ, ଗୁଳି ଚାଳନା ହେଲା। ୧୯୩୮ ଅକ୍ଟୋବର ଆଜିର ଦିନରେ ବ୍ରିଟିସ୍ ଫଉଜ ଗୁଳିରେ ପ୍ରାଣ ହରାଇଥିଲେ ବାଜି ରାଉତ।

-ପ୍ରେମାନନ୍ଦ ପାଣିଗ୍ରାହୀ, ଫୋନ୍-୯୪୩୭୭୨୯୩୮୪

ODM EDUCATIONAL GROUP

## କବିତାଂଶ ବ୍ୟାଖ୍ୟା:

ବରଷା ବିଜୁଳି ଖେଳୁଥିଲା ରାତି କୋଳେ
ନାଚୁଥିଲା ନଈ ବାଆ ବତାସିର ବେଳେ,
ନାହା ଭିଡି ବିଲେ ମଙ୍ଗରେ ରଖି ହାତ,
ଶୋଇଥିଲା ଚେଇଁ ଉଭାରି ଆହୁଲା କାତ
ନାଉରି ଟୋକା ସେ
-ଦେଶର ଆଦେଶ ପାଇଁ
ନେଇଥିଲା ନାହା ସଞ୍ଜୁ ବିଲକୁ ବାହି !

## କବିତାଂଶ ବ୍ୟାଖ୍ୟା:

ପୂରୁବ ଆକାଶେ ଫିକା ନ ପଡୁଣୁ ରାତି
ବିହଗେ ନ ଉଠୁ କଳ କାକଳିରେ ମାତି
ଅନ୍ଧାର ତଳୁ କେତୁଟା ଅସୁର ଆଖି –
'କିଏରେ ନାଉରୀ ?'ଘାଟରୁ ଉଠିଲା ଡାକି
ଆଣରେ ବେଗେ ତୁ,ଲଗାରେ କୂଳରେ ନାହା!
ପାରି କରି ଦେଏ-ନ ଦେଖୁ ନ ଜାଣୁ ଗାଆଁ !"

- ବାରବର୍ଷର ବୀର ବାଳକଟିଏ ବାଜି ରାଉତ । ଗଡଜାତ ପ୍ରଜାମଣ୍ଡଳର ଆଦେଶରେ ବ୍ରାହ୍ମଣୀ ନଦୀଘାଟ ଜଗିବାର ଦାୟିତ୍ୱ ନେଇ ସନ୍ଧ୍ୟାରୁ ଘରୁ ବାହାରି ଯାଇଛି । ସେଦିନ ରାତ୍ରି ଆକାଶରେ ଖେଳୁଥିଲା ଡୋଳା ଡୋଳା ମେଘ । ମେଘ,ପବନ,ବରଷା,ବତାସ ସାଙ୍ଗକୁ ବିଜୁଳିର ଚମକ ପରିବେଶକୁ ଭୟଙ୍କର କରିଥିଲା । ହେଲେ ମଙ୍ଗରେ ହାତ ରଖି ନାଆ ମୁଣ୍ଡରେ କାତ ଓ ଆହୁଲାକୁ ଡେରିଦେଇ ନାଆ ଉପରେ ନିଜ ଦାୟୀତ୍ୱ ପ୍ରତି ସଚେତନ ଥିଲା ନାଉରୀ ପିଲା ବାଜିରାଉତ ।
- ସୂର୍ଯ୍ୟ ଉଦୟ ପୂର୍ବରୁ,ପକ୍ଷୀମାନଙ୍କ କାକଳି ଶୁଭିବା ପୂର୍ବରୁ ଫିକା ଅନ୍ଧାର ଭିତରୁ ନଈ ସେପାରିରୁ 'କିଏରେ ନାଉରୀ' ବୋଲି ଡାକ ଶୁଭିଲା । ତୁରନ୍ତ ନଦୀ ପାର କରାଇ ଦେବା ପାଇଁ କର୍କଶ ସ୍ୱରର ଆଦେଶ ନଦୀକୂଳରେ ପ୍ରତିଧ୍ୱନିତ ହେଲା ।ସାରା ରାତି ଉଜାଗର ଥିବା ଅବଶ ଆଖି ତା'ର ମୁଦି ହୋଇ ଆସୁଥିବା ବେଳେ ଏପରି ଅପରିଚିତ ରୁକ୍ଷ ଆଦେଶ ତା'ର ଅଳସ ଭଙ୍ଗ କରିଥିଲା ।

# କଠିନ ଶବ୍ଦର ଅର୍ଥ:

- ନାହା ଭିଡି-ନାଆ ପ୍ରସ୍ତୁତ କରି ।
- ଉଭାରି-ଠିଆ କରାଇ (ନାଆରେ କାତ ଡେରି)
- ବିହଗେ-ପକ୍ଷୀମାନେ
- ଅସୁର ଆଖି-ବ୍ରିଟିଶ ଫୌଜର ଆଖି
- କାକଳି-କଣ୍ଠ ସ୍ୱର

# ବ୍ୟାକରଣଗତ ଶବ୍ଦ:

**ବିପରୀତ ଶବ୍ଦ:**

କାତ-ଅକାତ
ଶୋଇବା-ଚେଇଁବା
ଅନ୍ଧାର-ଆଲୋକ
ହସ-କାନ୍ଦ

**ପ୍ରତିଶବ୍ଦ:**

ଆକାଶ-ଗଗନ,ପବନ
ଆଖି-ନୟନ,ନେତ୍ର
ରାତି-ରଜନୀ,ସଜନୀ
ବତାସ-ବାଆ,ବାତ୍ୟା
ନଈ-ତଟିନୀ,ସରିତ

**ଗଦ୍ୟରୂପ:**

ବରଷା-ବର୍ଷା

**ଲିଙ୍ଗପରିବର୍ତ୍ତନ:**

ଅସୁର-ଅସୁରୁଣୀ

# ଗୃହକର୍ମ:

ତୁମ ଦେଶ ବିଷୟରେ ଅନୁଚ୍ଛେଦ ଲେଖ ।

# THANKING YOU

# ODM EDUCATIONAL GROUP